# ୧୨ରେ କେନ୍ଦ୍ର ସାହିତ୍ୟ ଅକାଦେମୀର ଯୁବ ପୁରସ୍କାର ସମାରୋହ

■ ଭୁବନେଶ୍ୱର, ତା ୬।୧ (ପିଏନଏସ)

ଜାନୁଆରି ୧୨ ଓ ୧୩ ତାରିଖରେ ଭୁବନେଶ୍ୱରରେ ସାହିତ୍ୟ ଅକାଦେମୀର ଯୁବ ପୁରସ୍କାର ସମାରୋହ ଅନୁଷ୍ଠିତ ହେବ। ୧୨ ତାରିଖ ସନ୍ଧ୍ୟା ୬ଟାରେ ଉତ୍କଳ ବିଶ୍ୱବିଦ୍ୟାଳୟର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟରେ ଆୟୋଜିତ ସମାରୋହରେ ସାହିତ୍ୟ ଅକାଦେମୀ ଦ୍ୱାରା ସ୍ୱୀକୃତ ୨୪ଟି ଭାରତୀୟ ଭାଷାର ଯୁବ ଲେଖକଙ୍କୁ ୨୦୨୪ ବର୍ଷର ଯୁବ ପୁରସ୍କାର ପ୍ରଦାନ କରାଯିବ। ଏଥିରେ ସାହିତ୍ୟ ଅକାଦେମୀର ସଭାପତି ତଥା ବିଶିଷ୍ଟ କବି ଡକ୍ଟର ମାଧବ କୌଶିକ ଅଧ୍ୟକ୍ଷତା କରିବେ। ମୁଖ୍ୟଅତିଥି ଭାବେ ସୁପରିଚିତ ଇଂରାଜୀ କବି ଜେରି ପିଣ୍ଟୋ ଯୋଗଦେବେ। ସଭାରେ ଅକାଦେମୀର ଉପସଭାପତି ପ୍ରଫେସର କୁମୁଦ ଶର୍ମା ସମାପନୀ ବକ୍ତବ୍ୟ ଓ ସଚିବ ଡକ୍ଟର କେ. ଶ୍ରୀନିବାସରା ସ୍ୱାଗତ ଭାଷଣ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଉତ୍ସବରେ ଯୁବ ପୁରସ୍କାର ଗ୍ରହଣ କରିବେ ୨୪ଟି ଭାରତୀୟ ଭାଷାର ଯୁବ ଲେଖକ। ସେହିପରି ୧୩ ତାରିଖ ପୂର୍ବାହ୍ନ ୧୦ଟା ୩୦ରେ ଭୁବନେଶ୍ୱରର ବୁଦ୍ଧ ମନ୍ଦିରସ୍ଥିତ ସଭାଗୃହରେ ଯୁବ ପୁରସ୍କାର ପ୍ରାପକ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ପୁରସ୍କାର ଗ୍ରହଣ କରିଥିବା ଯୁବ ଲେଖକ ଲେଖିକାମାନେ ନିଜ ସାରସ୍ୱତ ଅନୁଭୂତି ବାଣ୍ଟିବେ। ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରିବେ ସାହିତ୍ୟ ଅକାଦେମୀର ଉପସଭାପତି ପ୍ରଫେସର କୁମୁଦ ଶର୍ମା। ସୂଚନାଯୋଗ୍ୟ ଯେ, ଓଡ଼ିଆ ଗଳ୍ପ ପୁସ୍ତକ 'ହୁ ବାଇଆ' ପାଇଁ ବାଲେଶ୍ୱର ଜିଲ୍ଲାର ଯୁବ ଲେଖକ ସଞ୍ଜୟ କୁମାର ପଣ୍ଡା (ଓଡ଼ିଆ) ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି।

